**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**1 June – 2024**

# ନିର୍ବାଚନ

ଦେଶର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଆଜି ଓଡ଼ିଶା ସମେତ ଉତ୍ତରପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ, ବିହାର, ହିମାଚଳପ୍ରଦେଶ, ଝାଡ଼ଖଣ୍ଡ ଓ ଚଣ୍ଡୀଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ପାଇଁ ଭୋଟ୍ ଗ୍ରହଣ ଆରମ୍ଭ ହେଉଛି । ଏହି ପର୍ଯ୍ୟାୟରେ ୧୦ କୋଟିରୁ ଅଧିକ ମତଦାତା ୯୦୪ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ।

# ଓଡ଼ିଶା -ଭୋଟ୍

ରାଜ୍ୟରେ ଆଜି ଚତୁର୍ଥ ତଥା ଶେଷ ପର୍ଯ୍ୟାୟରେ ୬ଟି ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇଛି । କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର, ମୟୂରଭଞ୍ଜ, ବାଲେଶ୍ୱର ଓ ଯାଜପୁରରେ ମତଦାନ ହେଉଛି । ଏହି ପର୍ଯ୍ୟାୟରେ ୧୦ ହଜାର ୮୮୨ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ ୯୯ ଲକ୍ଷ ୬୧ ହଜାର ୫୭ ଜଣ ମତଦାତା ଭୋଟ ଦେବେ । ୬ଟି ଲୋକସଭା ଆସନ ପାଇଁ ୬୬ଜଣ ଓ ୪୨ଟି ବିଧାନସଭା ଆସନ ପାଇଁ ୪୯୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ରାଜ୍ୟର ୮ଟି ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହ

ମତଦାନ ଲାଗି ୧୨୬ କମ୍ପାନୀ କେନ୍ଦ୍ରୀୟ ପୋଲିସ୍ ଫୋର୍ସ ସମେତ ରାଜ୍ୟ ପୋଲିସ୍‌କୁ ନିୟୋଜିତ କରାଯାଇଛି । ନିର୍ବାଚନ କାର୍ଯ୍ୟରେ ୭୨ ହଜାର ପୋଲିଂ କର୍ମଚାରୀ ନିଯୁକ୍ତ ହୋଇଛନ୍ତି ।

## ଯୁକ୍ତ ଦୁଇ ଖାତା ପୁନଃ ମୂଲ୍ୟାୟନ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଉତ୍ତରଖାତାର ପୁନଃ ଯାଞ୍ଚ ପାଇଁ ଆଜିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ । କଳା, ବାଣିଜ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ ଜରିଆରେ ଆସନ୍ତା ୧୫ ତାରିଖ ସୁଦ୍ଧା ଆବେଦନ କରିପାରିବେ । ପରିଷଦ ପକ୍ଷରୁ ଆବେଦନକାରୀମାନଙ୍କୁ ଯାଞ୍ଚ ହୋଇଥିବା ଉତ୍ତର ଖାତାର ନକଲ ଇମେଲ୍ ମାଧ୍ୟମରେ ଯୋଗାଇ ଦିଆଯିବ ।

---

## ଆଧାରକାର୍ଡ-ଶିଶୁଯତ୍ନ ଅନୁଷ୍ଠାନ

ରାଜ୍ୟର ବିଭିନ୍ନ ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକରେ ରହୁଥିବା ଅସହାୟ ଶିଶୁଙ୍କର ଆଧାର କାର୍ଡ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ବିଭିନ୍ନ ସ୍ଥାନରୁ ଉଦ୍ଧାର ହୋଇଥିବା ଅସହାୟ ଶିଶୁମାନଙ୍କର ଆଧାର କାର୍ଡ ନଥିବାରୁ  ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ କୁହାଯାଇଛି ।

---

# ସାମ୍ସ

ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ଏଣିକି ରି-ଆଡ୍‌ମିସନ୍ ମଧ୍ୟ ସାମ୍ସ ପୋର୍ଟାଲ୍ ମାଧ୍ୟମରେ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରୁ ଜଣାପଡ଼ିଛି । ଦ୍ୱିତୀୟ ଓ ଶେଷବର୍ଷ ଛାତ୍ରଛାତ୍ରୀମାନେ ସାମ୍ସ ଜରିଆରେ ମଧ୍ୟ ରି-ଆଡ୍‌ମିଶନ୍ କରିପାରିବେ । ବୈଠକରୁ ମିଳିଥିବା ସୂଚନା ଅନୁସାରେ ଚଳିତ ଶିକ୍ଷାବର୍ଷରେ ସେଲ୍‌ଫ୍ ଫାଇନାନ୍ସିଂ କୋର୍ସକୁ ରେଗୁଲାର କୋର୍ସ କରାଯିବ ନାହିଁ । ସେହିଭଳି ଚଳିତବର୍ଷ କୌଣସି ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟରେ ସେଲ୍‌ଫ୍ ଫାଇନାନ୍ସିଂ କୋର୍ସ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁମତି ଦିଆଯିବ ନାହିଁ ବୋଲି ଜଣାପଡ଼ିଛି ।

---

# ମତଦାନ

କେନ୍ଦ୍ରାପଡ଼ା ଲୋକସଭା ଆସନ ଅନ୍ତର୍ଗତ ୫ଟି ବିଧାନସଭା ନିର୍ବାଚନ କ୍ଷେତ୍ରରେ ୧ହଜାର ୪୪୫ଟି ମତଦାନ କେନ୍ଦ୍ରରେ ଭୋଟରମାନେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି । ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ବୁଥ୍ ଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା ସହ ସେମାନଙ୍କୁ ସହାୟତା କରିବା ଲାଗି ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଛି ।

ପୁରୀ ଜିଲ୍ଲାରେ ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାକଟପୁର ଓ ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ୫୬୦ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ ମତଦାନ ଆରମ୍ଭ ହୋଇଛି ।

---

# ଭିତର ଚନ୍ଦନଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନଙ୍କର ୨୧ ଦିନିଆ ଭିତର ଚନ୍ଦନଯାତ୍ରା ଗତକାଲିଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି । ରୁକ୍ମଣୀ ହରଣ ଏକାଦଶୀ ତିଥିରେ ଶ୍ରୀମନ୍ଦିର ପରିସର ମଧ୍ୟରେ ଜଳକ୍ରୀଡ଼ା ମଣ୍ଡପରେ ଠାକୁରଙ୍କର ଜଳକ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେବ । ଭିତର ଚନ୍ଦନଯାତ୍ରା ଶେଷ ହେଲେ ଶ୍ରୀଜୀଉମାନଙ୍କର ୪୨ ଦିନିଆ ଚନ୍ଦନ ମହୋତ୍ସବର ସମାପନ ହେବ ।

# ଦୁଗ୍ଧ ଦିବସ

ଦୁଗ୍ଧ ଏବଂ ଦୁଗ୍ଧଜାତ ଖାଦ୍ୟପଦାର୍ଥର ମହତ୍ତ୍ୱ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ଦୁଗ୍ଧଦିବସ ଭାବେ ପାଳନ କରାଯାଉଛି । ଦୁଗ୍‌ଧ  ଉତ୍ପାଦନ ବୃଦ୍ଧି ଉପରେ ଦୃଷ୍ଟି ଦେବା ଏବଂ ଏହାକୁ ମାଧ୍ୟମ କରି ଜୀବିକା ଉପାର୍ଜନ କରୁଥିବା ଲୋକମାନଙ୍କୁ ସହାୟତା କରିବା ହେଉଛି ଏହି ଦିବସ ପାଳନର ଲକ୍ଷ୍ୟ । ୨୦୦୧ ମସିହାରେ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ପକ୍ଷରୁ ପ୍ରଥମେ ଏହା ପାଳନ କରାଯାଇଥିଲା । ବିଶ୍ୱରେ ମୋଟ୍ ଦୁଗ୍ଧ ଉତ୍ପାଦନର ୩୩ ପ୍ରତିଶତ ଭାରତରେ ଉତ୍ପାଦନ ହେଉଛି ।

# ପାଣିପାଗ

ରାଜ୍ୟରେ ଅସହ୍ୟ ଗରମ ଏବଂ ଗୁଳୁଗୁଳି ଲାଗି ରହିଛି । ଏହି ସ୍ଥିତି ଆଉ ୩ ଦିନ ପର୍ଯ୍ୟନ୍ତ ରହିବାର ସମ୍ଭାବନା ଅଛି ବୋଲି  ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ପଶ୍ଚିମ

ଓ ଆଭ୍ୟନ୍ତରୀଣ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ଗତକାଲି ଥିଲା । ବର୍ତ୍ତମାନ ସୁଦ୍ଧା ସରକାରୀ ଭାବେ ଅଂଶୁଘାତରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ଅସ୍ୱାଭାବିକ ମୃତ୍ୟୁ ଅଭିଯୋଗ ଆସିବା ପରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳକୁ ଯାଇ ସ୍ଥିତିର ଅନୁଧ୍ୟାନ କରୁଛନ୍ତି । ଅଂଶୁଘାତ ଜନିତ ଅସ୍ୱାଭାବିକ ମୃତ୍ୟୁ ହୋଇପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି । ହେଲେ ଶବ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି । ଅନ୍ୟପକ୍ଷରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଚାଲିଥିବା ଭୋଟ୍ ପାଇଁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି ।

ପାଣିପାଗ ବିଭାଗର ସୂଚନାଅନୁସାରେ ଆଜି ବଲାଙ୍ଗୀର, ସମ୍ବଲପୁର, କଳାହାଣ୍ଡି ଓ ସୋନପୁର ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ନେଇ ସତର୍କତା ଜାରି କରାଯାଇଛି । କାଳବୈଶାଖୀ ପ୍ରଭାବରେ ଗତକାଲି ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ଏବଂ ଝଡ଼ତୋଫାନ ହୋଇଥିବା ଆମ ଗଂଜାମ ସମ୍ବାଦଦାତା ଜଣାଇଛନ୍ତି ।

........................................................................